# ପିଲାଙ୍କ ଧରିତ୍ରୀ

ଶନିବାର, ୪ ମାର୍ଚ୍ଚ, ୨୦୨୩





୮ ଆଇନା

## ଗପ

# ଖେଳୁଥିଲେ ଆମେ ସବୁଜ ହୋଳି

ରାଜୁ ଓ ବିଜୁ ଭାରି ଭଲ ସାଙ୍ଗ ଥିଲେ। କିନ୍ତୁ ଏଇ କିଛି ଦିନ ପୂର୍ବରୁ ସେମାନଙ୍କ ଭିତରେ କଥାବାର୍ତ୍ତା ନାହିଁ। ଦୁହେଁ ପରସ୍ପରର ଶତ୍ରୁ ନ ହେଲେ ବି ତାଙ୍କ ଭିତରେ ସେଭଳି ମିତ୍ରତା ବି ନାହିଁ। ବିଜୁ ଟିକେ ବଦରାଗୀ। ଛୋଟଛୋଟ କଥାରେ ସେ ହଠାତ୍ ରାଗିଯାଏ। ଏଣୁ ଅନ୍ୟ ପିଲାମାନେ ବିଜୁକୁ ଚିଡାଇ ଦିଅନ୍ତି। ବିଜୁର ସାଙ୍ଗ ବାନାର ରାଗ ପୂର୍ବରୁ ରାଜୁ ଉପରେ ଥାଏ। ଏଣୁ ଥରେ ବାନା ରାଜୁ ବିରୋଧରେ ବିଜୁକୁ କହିଲା। ବିଜୁ ଏମିତିରେ ବି ତା' ଉପରେ ରାଗିଥିଲା। ବାନାର କଥା ଶୁଣି ବିଜୁର ରାଗ ମୁଣ୍ଡ ଉପରକୁ ଚଢ଼ିଗଲା। ରାଜୁର କ'ଣ ଗୋଟେ କ୍ଷତି କରିଦେବ ବୋଲି ସେ ଭାବି ବସିଲା। ତା' ମୁଣ୍ଡରେ ଏକ ଦୁର୍ବୁଦ୍ଧି ପଶିଲା। ତହିଁ ଆରଦିନ ହୋଲି ପର୍ବ ଥାଏ। କଳେବଳେ କୌଶଳେ ରାଜୁକୁ ଡାକିଆଣି ତା' ଦେହରେ ହଳଦିଆ ରଙ୍ଗର ରାସାୟନିକ ଫଗୁ ବୋଳିଦେଲା ବିଜୁ। ଭାବିଥିଲା ଏହି ରାସାୟନିକ ରଙ୍ଗର ପ୍ରଭାବରେ ରାଜୁ ନିଶ୍ଚୟ ଡାକ୍ତରଖାନା ଯିବ ଓ କଷ୍ଟ ଭୋଗିବ।

ହୋଲି ଖେଳର ଦୁଇଦିନ ପରେ ବିଜୁର ଜନ୍ମଦିନ ଥାଏ। ରାଜୁ ଗୋଟିଏ ରଙ୍ଗବାକ୍ସ ଆଣି ବିଜୁକୁ ଉପହାର ଦେଲା। କହିଲା ଥ୍ୟାଙ୍କ ୟୁ ବିଜୁ। ତୁ ମୋ ଦେହରେ ଯେଉଁ ରଙ୍ଗ ବୋଳିଥିଲୁ ତାହା ହଳଦୀଗୁଣ୍ଡ ଥିଲା। ସେ ହଳଦୀଗୁଣ୍ଡ ଲାଗି ମୋ ଦେହ ସେଦିନ କୁଣ୍ଡାଇ ହୋଇ ନ ଥିଲା। ଏଣୁ ତା'ପରଦିନଠାରୁ ମୁଁ ଦେହରେ ହଳଦୀ ଲଗାଉଛି ମୋ ଚର୍ମରୋଗକୁ ନିୟନ୍ତ୍ରଣ କରିବାକୁ। ଏହାଶୁଣି ସେଠାରେ ବାନା ଓ ବିଜୁର ମୁଣ୍ଡ ତଳକୁ ହୋଇଗଲା। ସେଠାରୁ ବିଜୁ ଦୌଡ଼ିଗଲା ରୋଷେଇଶାଳକୁ। ବାପା ଆଣିଥିବା ହଳଦୀଗୁଣ୍ଡ ଜାଗାରେ ହଳଦୀ ରଙ୍ଗର ରାସାୟନିକ ଫଗୁ ଥୁଆ ହୋଇଛି। ତାକୁ ନେଇ ସେ ବାହାରେ ଫୋପାଡିଦେଲା। ରାଜୁକୁ ସେ କହିଲା ଗ୍ରେଟ୍, ଥ୍ୟାଙ୍କ ୟୁ ରାଜୁ। ରାଜୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥାଏ। ସବୁ ଘଟଣା ବର୍ଣ୍ଣନା କରି ବିଜୁ ଓ ବାନା ଦୁହେଁ ଅନୁତାପ କଲେ। ବିଜୁ କହିଲା, ମୋର ବଦରାଗ ଗୁଣ ଯୋଗୁ ଏପରି ହୋଇଛି। ବାନା କହିଲା, ମୋର ଈର୍ଷାପରାୟଣତା ବି ଏଥିପାଇଁ ଦାୟୀ। ସେ ଯାହାହେଉ ରାଜୁ ଆଜି ଆମ ସମସ୍ତଙ୍କ ଜୀବନ ବଞ୍ଚାଇ ଦେଲା ବୋଲି କହିଲେ ବାନା ଓ ବିଜୁ। ଶେଷରେ ହସି ହସି ସମସ୍ତେ କହି ଉଠିଲେ 'ଖେଳୁଥିଲେ ଆମେ ସବୁଜ ହୋଳି'।

**–ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩



## ଖେଲି ଖେଲି ହସ

ଘର ଭିତରେ ଫୋନ୍ ରିଂ ହେବାରୁ ଚିଣ୍ଟୁ ଯାଇ ଫୋନ୍ ଉଠାଇଲା। ଏହା ଦେଖି ବାପା ପଚାରିଲେ, କିଏ ଫୋନ୍ କରିଥିଲେ ?

**ଚିଣ୍ଟୁ:** ବାପା, ମୋ ସାଙ୍ଗ ଫୋନ୍ କରିଥିଲା। କିଛି ସମୟ ପରେ ବାପା ପୁଣି ପଚାରିଲେ, ବାସ୍ତବରେ କିଏ ଥିଲା ?

**ଚିଣ୍ଟୁ:** ବାପା ସଞ୍ଜୟ ଦତ୍ତ।

**ମଣ୍ଟୁ:** ମା' ମୁଁ କାଲି ସ୍କୁଲ୍ ଯିବିନି।

**ମା'–** କାହିଁକି ?

**ମଣ୍ଟୁ:** ମା', କାଲି ସ୍କୁଲ୍‌ରେ ଆମ ସମସ୍ତଙ୍କୁ ଓଜନ କଲେ, ଆଜି ପୁଣି ଓଜନ କଲେ।

**ମା'–** ତେବେ କ'ଣ ହେଲା ?

**ମଣ୍ଟୁ:** କେତେବେଳେ ବିକ୍ରି କରିଦେବେ କିଛି କହି ହେବନି।

**ଶିକ୍ଷକ:** ଭାରତର ସବୁଠାରୁ ବିପଦପୂର୍ଣ୍ଣ ନଦୀ କାହାକୁ କହିବା ?

**ରାଜୁ –** ସାର୍ ଭାବନା !

ଶିକ୍ଷକ ଚମକିପଡ଼ି କହିଲେ, କେମିତି ?

**ରାଜୁ:** କାହିଁକି ନା ସମସ୍ତେ ଏଥିରେ ଭାସିଯାଆନ୍ତି।

## ଶିଶୁ ପ୍ରତିଭା

# ନୃତ୍ୟ ପ୍ରତିଭା ହରିଶଙ୍କର

କେଉଁଠି ସଙ୍ଗୀତର ସ୍ୱର ଶୁଭିଲେ ସେ ନିଜକୁ ଅଟକାଇ ପାରୁ ନ ଥିଲେ। ସଙ୍ଗୀତର ତାଳେ ତାଳେ ଆପେ ଆପେ ନାଚି ଉଠୁଥିଲେ। ମାତ୍ର ତିନି ବର୍ଷ ବୟସରୁ ଏଭଳି ପ୍ରତିଭା ଦେଖିବାକୁ ମିଳିଥିଲା ହରିଶଙ୍କରଙ୍କ କ୍ଷେତ୍ରରେ।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଈଶ୍ୱରପୁର ଅଧୀନ କଳାଶୁଣୀ ଅଞ୍ଚଳରେ ରହନ୍ତି ହରିଶଙ୍କର ସାହୁ। ମାଆ ମମତା ଗୃହିଣୀ ଓ ବାପା ସୁଦର୍ଶନ ଜଣେ ବ୍ୟବସାୟୀ। ହରିଶଙ୍କର ଏବେ କଳାଶୁଣୀ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର। ନଅ ବର୍ଷର ଏହି ବାଳକ ଜଣକ କିନ୍ତୁ ଏବେଠାରୁ ନୃତ୍ୟରେ ଜଣେ ଉଦୀୟମାନ ପ୍ରତିଭା। ସେଥିପାଇଁ ତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଉତ୍ସବରେ ଖୋଜାପଡେ ହରିଶଙ୍କରଙ୍କୁ। କେବେ ସେ ଯବାନ ବେଶରେ ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ କରନ୍ତି ତ କେବେ ସେ ଷ୍ଟାରମାନଙ୍କ ଭଳି ଡାଇଭ, ଫ୍ଲିପ ଇତ୍ୟାଦି ଷ୍ଟଣ୍ଟ ଦେଇ ଦର୍ଶକଙ୍କ ମନ ଜିଣନ୍ତି।

ପୁଅ ପାଖରେ ଏଭଳି ଏକ କଳା ଥିବା ଦେଖି ବେଶ୍ ଖୁସି ଅଛନ୍ତି ସୁଦର୍ଶନ। କାହିଁକି ନା ନୃତ୍ୟ ପ୍ରତି ତାଙ୍କର ମଧ୍ୟ ରହିଛି ଆଗ୍ରହ, କିନ୍ତୁ ଉପଯୁକ୍ତ ପରିବେଶ ଅଭାବରୁ ସେ ନୃତ୍ୟ କଳାରେ କ୍ୟାରିୟର କରିପାରି ନାହାନ୍ତି। ପୁଅ ହରିଶଙ୍କର ମାଧ୍ୟମରେ ସେ ଏବେ ତାଙ୍କ ସ୍ୱପ୍ନ ପୂରା କରିବାକୁ ଆଶା ରଖିଛନ୍ତି। ସେଥିପାଇଁ ହରିଶଙ୍କରଙ୍କୁ ମାର୍କୋଣାର ଷ୍ଟେସନ ବଜାରରେ ଥିବା ଲକ୍ଷ୍ମୀ ନାରାୟଣ ଡ୍ୟାନ୍ସ ଏକାଡେମୀର ନୃତ୍ୟଗୁରୁ ସମରେନ୍ଦ୍ର ଜେନାଙ୍କ ନିକଟରେ ସପ୍ତାହକୁ ଦୁଇଦିନ ନୃତ୍ୟ ଅଭ୍ୟାସ ପାଇଁ ସୁଯୋଗ ଦେଇଛନ୍ତି। ଆଉ ନିଜେ ଘରେ ତାଙ୍କୁ ବିଭିନ୍ନ ଅଙ୍ଗଭଙ୍ଗୀ ଓ ଷ୍ଟଣ୍ଟ ଇତ୍ୟାଦି ସମ୍ପର୍କରେ ତାଲିମ ଦେଉଛନ୍ତି।

ହରିଶଙ୍କର ସିମୁଳିଆ ମହୋତ୍ସବ, ଔପଦା ମହୋତ୍ସବ, ଖଇରା ମହୋତ୍ସବ ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ଉତ୍ସବରେ ନୃତ୍ୟକରି ପ୍ରାୟ ୨୦ଟି ସାର୍ଟିଫିକେଟ ପାଇଛନ୍ତି। ଏହା ସହିତ 'ଫ୍ରମ୍ ମି ଟୁ ୟୁ' ଚଳଚ୍ଚିତ୍ରରେ ମଧ୍ୟ ସେ ଶିଶୁ କଳାକାର ରୂପେ ଅଭିନୟ କରିବାର ସୁଯୋଗ ପାଇଥିଲେ। ଭବିଷ୍ୟତରେ ନୃତ୍ୟକଳା କ୍ଷେତ୍ରରେ ଶିଖରରେ ପହଞ୍ଚିବାକୁ ସେ ଲକ୍ଷ୍ୟ ରଖିଛନ୍ତି।

**– ସନ୍ତୋଷ କୁମାର ନାୟକ**



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

▸▸ 'ଜଣା ଅଜଣା' ସ୍ତମ୍ଭରେ 'ଜୋକର ଦୁନିଆ' ପ୍ରସଙ୍ଗରୁ ନୂଆ କଥା ଜାଣିବାକୁ ପାଇଲି।

**–ଅନ୍ୱେଷା ସାହୁ,** ଇନ୍ଦିପୁର, ଢେଙ୍କାନାଳ

▸▸ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଇଥିବା ସମସ୍ତ ଚିତ୍ର ଆକର୍ଷଣୀୟ ହୋଇଛି।

**–ମାନସ ପ୍ରଧାନ,** ଶ୍ୟାମରାୟପୁର, ଭଦ୍ରକ

▸▸ 'ପିଲାଙ୍କ ଧରିତ୍ରୀ'ର ପୃଷ୍ଠା ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ।

**–ନମିତା ରାୟ,** ଗୋପାଳପୁର, ଖୋର୍ଦ୍ଧା

## ଗତ ଥରର ରଙ୍ଗ ଦିଅ





**ଯୁକ୍ତା ରାଉତ**
୪ର୍ଥ ଶ୍ରେଣୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରୁପ୍ରା ରୋଡ୍, କଳାହାଣ୍ଡି

ରଙ୍ଗର ପର୍ବ ହୋଲି। ଏଥିପାଇଁ ପିଲାଙ୍କ ଉତ୍ସାହ କହିଲେ ନ ସରେ। ଆନନ୍ଦ ମନରେ ପରସ୍ପରକୁ ରଙ୍ଗ ଲଗାଇ ଏହି ଉତ୍ସବକୁ ଧୁମଧାମ୍‌ରେ ପାଳନ କରିବେ ପିଲାଏ। ଆଉ ମାତ୍ର କିଛି ଦିନର ଅପେକ୍ଷା। ରଙ୍ଗ ବଜାରରେ ଗହଳଚହଳ ଲାଗିଲାଣି। ପିଲାଏ ରଙ୍ଗର ମାସ୍କ, ଅବିର, ପିଚକାରି, ରଙ୍ଗବେଲୁନ୍, କଲର୍ ଗନ୍ କିଣିବା ଆରମ୍ଭ କଲେଣି। ତେବେ ଏଥର ହୋଲି ପାଇଁ କିଭଳି ପ୍ରସ୍ତୁତ ହେଉଛନ୍ତି ସେ ସମ୍ପର୍କରେ କେତେକ ପିଲାଙ୍କ ମତାମତକୁ ନେଇ ଉପସ୍ଥାପନା..



# ହୋଲି ହେ...



## ଏଥର ସ୍ପେଶାଲ ପ୍ଲାନିଂ ହୋଇଛି



ସବୁ ଉତ୍ସବ ମଧ୍ୟରୁ ହୋଲି ମୋର ଅତି ପ୍ରିୟ। ଫଗୁ ଅବିରରେ ସାଙ୍ଗମାନଙ୍କ ସହ ଖେଳିବାକୁ ଭାରି ଭଲ ଲାଗେ। ଏଥର ହୋଲିକୁ କିଛି ନୂଆ ଏବଂ ନିଆରା ଢଙ୍ଗରେ ପାଳିବି ବୋଲି ପ୍ଲାନିଂ କରିଛି। ପରିବାର ଓ ସାଙ୍ଗମାନଙ୍କ ସହ ହୋଲି ଖେଳିବି। ବାସ୍ନାଯୁକ୍ତ ଅବିର ମାମା ଓ ମୁଁ ପ୍ରସ୍ତୁତ କରିଛୁ। କେମିକାଲଯୁକ୍ତ ଓ ମୁଣ୍ଡଫଟା ରଙ୍ଗ ଚର୍ମ, ଆଖି ଓ ଚୁଟି ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ଖେଳିବା ପୂର୍ବରୁ ଦେହରେ ନଡ଼ିଆ ତେଲ ଲଗାଇବା ସହ ମୁଣ୍ଡରେ ଟୋପି ପିନ୍ଧିବି। ହୋଲିରେ ମାମୁ ଘରକୁ ଆସିବେ। ତାଙ୍କ ସହ ବଜାର ବୁଲିବାକୁ ଯିବି।

**–ଶ୍ରେୟାଂଶୀ ଐଶ୍ୱର୍ଯ୍ୟା ପ୍ରଧାନ,** କ୍ଲାସ୍–୩, ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ୍, ଭୌମନଗର, ଭୁବନେଶ୍ୱର

## ଏଥର ରାସାୟନିକ ରଙ୍ଗ ବ୍ୟବହାର କରିବି ନାହିଁ



ପରୀକ୍ଷା ସରିଯାଇଛି। ସେଥିଲାଗି ଆଉ ଟେନ୍‌ସନ ନାହିଁ। ଏଥର ହୋଲିରେ ବହୁତ ମଜାମସ୍ତି କରିବି। ଠାକୁରଙ୍କ ମେଳଣ ଦେଖିବି। ପରିବାର ଓ ସାଙ୍ଗମାନଙ୍କ ସହ ମିଶି ହୋଲିର ମଜା ଉଠାଇବି। ରଙ୍ଗହାଟରୁ ହର୍ବାଲ ରଙ୍ଗ, ପ୍ରେସର ଗନ୍, ସ୍କେଲିଟନ୍ ହେୟାର୍ ଓ ମାସ୍କ ଇତ୍ୟାଦି କିଣି ସାରିଛି। ରଙ୍ଗ ଖେଳିବା ପୂର୍ବରୁ ଶରୀରରେ ତେଲ ଲଗାଇବି। ଚୁଟି ଓ ଆଖିକୁ କେମିକାଲଯୁକ୍ତ ରଙ୍ଗରୁ ସୁରକ୍ଷା ଦେବା ଲାଗି ମାସ୍କ ଓ ଟୋପି ପିନ୍ଧିବି। କେମିକାଲ ରଙ୍ଗ ବଦଳରେ ଅବିର ବ୍ୟବହାର କରିବି। କେମିକାଲ୍ ରଙ୍ଗ ଆମ ଉପରେ କୁପ୍ରଭାବ ପକେଇବା ସହ ପଶୁପକ୍ଷୀଙ୍କର ମଧ୍ୟ କ୍ଷତି ପହଞ୍ଚାଇଥାଏ। ମୁଣ୍ଡଫଟା ରାସାୟନିକ ରଙ୍ଗ ବ୍ୟବହାର ନ କରିବାକୁ ସଚେତନ କରାଇବି।

**–ଶୁଭଲକ୍ଷ୍ମୀ ବାରିକ୍,** କ୍ଲାସ୍–୯, ବାରୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ

## ପାଠପଢ଼ାରେ ମନ ଦେବି



ଦଶମ ପରୀକ୍ଷା ଚାଲିଛି। ତେଣୁ ସବୁବର୍ଷ ପରି ଏଥର ବେଶି ସମୟ ରଙ୍ଗ ଖେଳି ପାରିବିନି। ସାଙ୍ଗମାନଙ୍କ ସହ ହୋଲି ଖେଳିବାକୁ ନ ଯାଇ ଘରେ ଗୁରୁଜନଙ୍କ ପାଦରେ ଅବିର ବୋଳି ଆଶୀର୍ବାଦ ନେବି। ଦୋଳ ଓ ହୋଲି ଦିନ ଆମ ଘରକୁ ଦୋଳ ଗୋବିନ୍ଦ ଓ ପଞ୍ଚୁପାଣ୍ଡବ ଆସନ୍ତି। ତାଙ୍କୁ ପୂଜା କରିବି। ଘରେ ମାଆ ତିଆରି କରିଥିବା ପିଠା ଓ ମିଠା ଖାଇ ପାଠପଢ଼ାରେ ମନ ଦେବି।

**–ବିବେକାନନ୍ଦ ସ୍ୱାଇଁ,** କ୍ଲାସ୍–୧୦, ବୃନ୍ଦାବନ ଚନ୍ଦ୍ର ନୋଡାଲ ବିଦ୍ୟା ମନ୍ଦିର, ରେନ୍ତୁଆ, ଜଗତ୍‌ସିଂହପୁର

## ଦୋଳ ବିମାନ ସହ ବୁଲିବି



ଦୋଳପୂର୍ଣ୍ଣିମା ଓ ହୋଲି ଆମ ଘରେ ଧୁମ୍‌ଧାମ୍‌ରେ ପାଳନ ହୁଏ। ସାଙ୍ଗସାଥୀ ମିଶି ମେଳଣ ପଡ଼ିଆ ସଫାସୁତରା କରି ସାଜସଜ୍ଜା କରିବୁ। ଦୋଳପୂର୍ଣ୍ଣିମା ଦିନ ଠାକୁରଙ୍କ ପାଖରେ ଉଖୁଡା, ଖଜା, କଷି ଆମ୍ବ, ଫଳମୂଳ, ଚଣାଭୋଗ ଇତ୍ୟାଦି ଭୋଗ କରିବି। ପରେ ବାପାଙ୍କ ସହ ସବୁ ମେଳଣ ପଡ଼ିଆ ବୁଲିବାକୁ ଯିବି। ହୋଲି ଖେଳରେ ବହୁ ମଜା ହେବ। ଏଥର ବାସ୍ନା ଫଗୁ ପ୍ରସ୍ତୁତ କରିଛି। ଏଥିପାଇଁ ସ୍କୁଲ୍‌ର ସାର୍ ଓ ମାଡାମ୍ ମୋତେ ବହୁତ ସାହାଯ୍ୟ କରିଛନ୍ତି। ସବୁ ଭେରାଇଟିର ରଙ୍ଗ ପ୍ରସ୍ତୁତ କରିଛି। ହୋଲି ଥିବାରୁ ଘରକୁ ବହୁ ଅତିଥି ଆସିବେ। ପରିବାର ଓ ସାଙ୍ଗସାଥୀଙ୍କ ସହ ପିଠାମିଠା ଖାଇ ହୋଲି ପାଳନ କରିବି।

**–ଜସମିନ୍ ପ୍ରହରାଜ,** କ୍ଲାସ୍–୩, ବ୍ଲେସ୍ସଡ୍ ସାକ୍ରାମେଣ୍ଟ ହାଇସ୍କୁଲ୍, ପୁରୀ

## ମାମୁଘରେ ହୋଲି ପାଳିବି

ଭାଇଚାରାର ପର୍ବ ହୋଲିରେ ସଭିଏ ପରସ୍ପରକୁ ରଙ୍ଗ ଲଗାଇ ଏହି ପର୍ବ ପାଳନ କରନ୍ତି। ଏଥର ମାମୁଘରେ ହୋଲି ପାଳନ କରିବି। ହୋଲିରେ ମାମୁଙ୍କ ଘରକୁ ରାଧାକୃଷ୍ଣ ଓ ପଞ୍ଚୁପାଣ୍ଡବ ଭୋଗ ଖାଇବାକୁ ଆସନ୍ତି। ଦିଅଁଙ୍କ ପାଖେ ଲାଗି ହୋଇଥିବା ଫଳମୂଳ ଓ ପିଠାମିଠା ଭୋଗକୁ ମାମୁ ଓ ଭଉଣୀ ସହ ଘରଘର ବୁଲି ବାଣ୍ଟିବାକୁ ଯିବି। ଗୁରୁଜନଙ୍କ ପାଦରେ ଅବିର ବୋଳି ପ୍ରଥମେ ଆଶୀର୍ବାଦ ନେବି। ପରେ ରାଧାକୃଷ୍ଣଙ୍କୁ ଫଗୁ ଅର୍ପଣ କରି ହୋଲି ଖେଳ ଆରମ୍ଭ କରିବି। ହୋଲି ଖେଳିବା ସମୟରେ କୌଣସି ରଙ୍ଗ ଯେପରି ଆଖିରେ ନ ପଡେ ସେଥିପ୍ରତି ସାବଧାନ ରହିବି। ଖେଳିବା ସମୟରେ ମୁଣ୍ଡରେ ଟୋପି ଏବଂ ଆଖିରେ ଚଷମା ଲଗାଇବି। ରାସାୟନିକ ରଙ୍ଗ ବ୍ୟବହାର କରିବି ନାହିଁ।



**–ଓମ୍ ପ୍ରକାଶ ମଲ୍ଲିକ,** କ୍ଲାସ୍–୮, ସରକାରୀ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସଦାନନ୍ଦପୁର, ଯାଜପୁର

୧ ତାନ୍ଵି ମିଶ୍ର
କ୍ଲାସ୍– ୨, ଜନ ଗଣ ମନ ସ୍କୁଲ, ଡୋମ୍ବିଭିଲି, ମୁମ୍ବାଇ





୨ ଅନନ୍ୟା ରୂପାଲି ତ୍ରିପାଠୀ
କ୍ଲାସ୍– ୮, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି

୩ ସଦିଚ୍ଛା ପାତ୍ର
କ୍ଲାସ୍– ୩, ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ, କଟକ





୪ ସୁମଗ୍ନା ଦାସ
କ୍ଲାସ୍– ୧, କ୍ରୀଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ, ଜରିପଡା, କଟକ

୫ ପ୍ରଶଂସା ପାଣ୍ଡେ
କ୍ଲାସ୍–୩, ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର, ଝାରସୁଗୁଡା





୬ ସୁଶ୍ରୀ ଅନସୂୟା ପାତ୍ର
କ୍ଲାସ– ୬, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

୭ ନିରାଲି ନାୟକ
କ୍ଲାସ୍– ୬, କ୍ରୀଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ, କଟକ





୮ ମାହିକା ଏମ୍ ଭରଦ୍ୱାଜ
କ୍ଲାସ୍–୧, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର




୧



୨




୩





୪



୫



୬



୭



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

**ଇ**ଏ ଏପରି ଏକ ବ୍ୟକ୍ତି ଯିଏକି ପ୍ରକୃତିଦତ୍ତ ପ୍ରତିଭା ଦ୍ୱାରା ସ୍ୱତନ୍ତ୍ର। ସେ ହେଉଛନ୍ତି ଇରାନର ଅଫସିନ୍ ଇସ୍‌ମାଇଲ। ଗିନିଜ୍ ରେକର୍ଡ ଦ୍ୱାରା ସେ ଦୁନିଆର ସବୁଠାରୁ ଛୋଟ ବ୍ୟକ୍ତି ଭାବେ ମାନ୍ୟତା ପାଇଛନ୍ତି।

# ବିଶ୍ୱର ସାନ୍ଦୁଠୁ ଗୋଡ଼ା ବ୍ୟକ୍ତି




୨୦ବର୍ଷୀୟ ଅଫସିନ୍‌ଙ୍କ ଉଚ୍ଚତା ୨ଫୁଟ୍ ୧.୬ଇଞ୍ଚ। ସେ ଇରାନର ଆଜରବାଇଜାନ ଜିଲାର ବୁଖାନ କାଉଣ୍ଟିରରେ ରୁହନ୍ତି। ଜନ୍ମ ସମୟରେ ତାଙ୍କ ଓଜନ ମାତ୍ର ୭୦୦ଗ୍ରାମ ଥିଲା। କିନ୍ତୁ ଏବେ ତାଙ୍କ ଓଜନ ୬.୫କି.ଗ୍ରା.। କମ୍ ଉଚ୍ଚତା ଯୋଗୁ ସେ ସବୁଥିରେ ପଛରେ ଥିଲେ। ଭିନ୍ନ ଦେଖାଯିବା ସହ ନିଜ ସାଙ୍ଗସାଥୀଙ୍କଠାରୁ ପାଠରେ ପଛରେ ରହୁଥିଲେ। ଏଥିଯୋଗୁ ସେ କମ୍ ବୟସରେ ସ୍କୁଲ ଛାଡ଼ିଥିଲେ। ମଧ୍ୟବିତ୍ତ ପରିବାରରେ ରହୁଥିବା ଅଫସିନ୍ ନିତିଦିନିଆ ଖର୍ଚ୍ଚ, ଔଷଧ ଏବଂ ଟ୍ରିଟ୍‌ମେଣ୍ଟ ପାଇଁ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥାଏ। ସେ ତାଙ୍କ ବାପାଙ୍କ ପରି କାମ କରିବାକୁ ଯାଇପାରନ୍ତି ନାହିଁ ଏବଂ ତାଙ୍କ ଗାଁରେ ସେ କରିବା ଭଳି କୌଣସି କାମ ମଧ୍ୟ ନାହିଁ। ସେ ଅଧିକାଂଶ ସମୟ କାର୍ଟୁନ ଦେଖିବାରେ ଏବଂ ସୋସିଆଲ ମିଡିଆରେ ବିତାଇଥାନ୍ତି। ଅଫସିନ୍ ଟମ୍ ଆଣ୍ଡ ଜେରୀ କାର୍ଟୁନ ଦେଖିବାକୁ ଭଲପାଆନ୍ତି।

## ଏଥରର

- ପଞ୍ଜାବରେ ହୋଲି ଖେଳ କେଉଁ ନାମରେ ଜଣାଯାଏ ?
- କେରଳରେ ହୋଲିକୁ କେଉଁ ପର୍ବ ଭାବେ ପାଳନ କରାଯାଏ ?
- ବିହାରରେ ହୋଲି କେଉଁ ନାମରେ ପରିଚିତ ?
- କେଉଁ ପର୍ବରେ ଗୋଆର ନାବିକମାନେ ନିଜ ଡଙ୍ଗାକୁ ପାରମ୍ପରିକ ରୂପରେ ସଜାଇଥା'ନ୍ତି ?
- ହୋଲି ଉତ୍ସବରେ ମହାରାଷ୍ଟ୍ରରେ କେଉଁ ପ୍ରସିଦ୍ଧ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ ?

## ଗତଥରର ଉତ୍ତର

- ଚାଉଳିଆ, ନେଉଆ
- ଭାରତ
- ଅମୃତ୍
- ଧଳା
- ଚା



## ହୋଲି

**ହୋ**ଲି ହୋଲି ହୋଲି,ନ ଯା ସାଙ୍ଗ ଭୁଲି
ଆସୁଛି ବର୍ଷକ ପରେ,ନିଶ୍ଚେ ଯିବା ପାଳି।
ରଙ୍ଗ ନାଲି ନେଳି,ପିଚିକାରି ଭରି
ଅବିର ଭଳିକି ଭଳି, ଖେଳିଯିବା ଖାଲି।
ରାଗ, ରୋଷ, କଳି, ମନୁ ଯିବା ଭୁଲି
ଆମେ ସବୁ ଭାଇ ଭାଇ, ହାତ ଗଲେ ମିଳି।
ଡାକି କହେ ହୋଲି, ଛୋଟ ବଡ଼ ଖାଲି
ମଣିଷ ମନର ମଳି, ଧୋଇ ଯାଅ ଚଳି।
ହସ ଖିଲି ଖିଲି, ରଙ୍ଗ ବୋଳି ବୋଳି
ଗାଇ ଶାନ୍ତି ମୈତ୍ରୀ ଗୀତି, ହୁଅ କୋଳାକୋଳି।
**– ଚକ୍ରଧର ସାହୁ**
ଧାଙ୍ଗରପଡ଼ା, ଆଟୋପୁର, କେନ୍ଦୁଝର

### କବିତା

## ହୋଲି କରିଦେଲା ତୋଷ

**ଜା**ଗର ସରିଲା
ଦୀପ ଜଳା ହେଲା
ଶିବରାତ୍ରି ହେଲା ଶେଷ।
ଦକ୍ଷିଣା ବହିଲା
ଶୀତ ବାହୁଡ଼ିଲା
ହୋଲି କରିଦେଲା ତୋଷ।
ଫଗୁଣକୁ ଚାହିଁ
ହୋଲି ଆସେ ଧାଇଁ
ଦୁଃଖ, ଶୋକ ଯାଏ ହରି।
ଭୁଲି ଭେଦଭାବ
ପାଳନ୍ତି ପରବ
ସର୍ବେ ହୋଇ କୋଳାକୋଳି
ରଙ୍ଗ ପିଚିକାରି
ପରସ୍ପରେ ମାରି
ନାଚିଯା'ନ୍ତି ହୋଇ ମେଳି।
ବିରାଜି ଠାକୁରେ
ଦୋଳ ମଣ୍ଡପରେ କୃଷ୍ଣ ସଙ୍ଗେ
ରାଧାରାଣୀ
ଦର୍ଶନେ ଦିଅନ୍ତି
ଯୁଗଳ ମୂରତି
ଭକ୍ତଗଣ ଭାବ ଜାଣି।
**–ବସନ୍ତ କୁମାର ଦାସ**
ରମ୍ଭା, ବରି, ଯାଜପୁର
ମୋ:୯୪୩୭୫୯୭୮୯୬



## ରଙ୍ଗମୟ ବସନ୍ତ

**ଫୁ**ଲେଇ ଫୁଲରେ ଆସିଲା ଫଗୁଣ
ଫଗୁ ଖେଳିବା ପାଇଁ
ମୁରୁକି ମୁରୁକି ହସିଲା ବସନ୍ତ
ଅବିରର ରଙ୍ଗ ଦେଇ।
ପିକ ଆମ୍ବ ଡାଳେ ଡାକଇ ମଳୟେ
ଶବ୍ଦ ତୋଳେ ରୁଣ୍ଣୁଝୁଣ୍ଣୁ
ମଧୁର ପରଶେ ଭ୍ରମଇ ଭ୍ରମର
ଝରିପଡ଼େ ମଧୁରେଣୁ।
ଖେଳିବାକୁ ହୋଲି ରାଇ ଦାମୋଦର
ବୁଲନ୍ତି ବିମାନେ ବସି
ହୋଲିର ମୁହୂର୍ତ୍ତ ପ୍ରଫୁଲ୍ଲିତ ଚିତ୍ତ
ଧନ୍ୟ ଦାମୋଦର ବଂଶୀ।
ଫଗୁ ଦୋଳଯାତ୍ରା ଫଗୁରେ ବିଚିତ୍ରା
ଫାଲଗୁନ ପ୍ରୀତି ନେଇ
ମାରି ପିଚିକାରି ଝୁଲନ୍ତି ହିନ୍ଦୋଳେ
ଭାବରେ ସେ ଭାବଗ୍ରାହୀ।
ରଙ୍ଗମୟ ଦିଶେ ବସୁଧା ଅମ୍ବର
ଶୋଭା ଦିଶେ ଅସୁମାରୀ
ବିମୁଗ୍ଧ ନୟନେ ଦେଖେ ଅନୁକ୍ଷଣେ
କଳ୍ପନାରେ ଅଙ୍କ କରି।
**– ପ୍ରଣତି ଆଚାର୍ଯ୍ୟ ମିଶ୍ର**
ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଫଗୁଣ ଆଣିଛି

**ଫ**ଗୁଣ ଆଣିଛି ଆମ୍ବ ବଉଳ
ଚାରିଦିଗ ବାସେ କେଡ଼େ ସୁନ୍ଦର।
ଫଗୁଣ ଆଣିଛି ମୃଦୁ ମଳୟ
ସଚରାଚରଙ୍କ ଜିଣେ ହୃଦୟ।
ଫଗୁଣ ଆଣିଛି ରଙ୍ଗ ପସରା
ହସ ଖୁସିରେ ସେଇ ରଙ୍ଗ ଭରା।
ଫଗୁଣ ଆଣିଛି କୋଇଲି ଗୀତ
କୁହୁ କୁହୁ ଗୀତ ଶୁଣ ସଙ୍ଗାତ।
ଫଗୁଣ ଆଣିଛି ଋତୁରାଜାକୁ
ଖୁସିରେ ସ୍ୱାଗତ କରିବା ତାକୁ।
ଫଗୁଣ ଆଣିଛି କଅଁଳ ଖରା
ରାତିଟା ଶୀତଳ ଲାଗୁଛି ପରା।
**– ସନ୍ତୋଷ କୁମାର ଅଦାବର**
ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ: ୯୭୭୭୯୧୦୭୨୮

## କହିଲ ଦେଖି

**ଫ**ଗୁଣ ମାସର ପୂନେଇଁ ତିଥିରେ
ବିମାନରେ ରାଧାକୃଷ୍ଣଙ୍କ ସାଥିରେ
ବୁଲିବେ ସହର ଗାଆଁ,
ବସନ୍ତ ଋତୁର ମହାନ ପରବ
ଆମ ସଂସ୍କୃତିର ଐତିହ୍ୟ ଗୌରବ
କହିଦିଅ ତାର ନାଆଁ।



**ଉ: ଦୋଳଯାତ୍ରା**

**ଦୋ**ଳ ପୂନେଇଁଟି ସରିବା ପରେ
ଆନନ୍ଦ ଉତ୍ସବ ସବୁରି ଘରେ,
ଚୈତ୍ର ମାସର ପ୍ରଥମ ଦିନ
କେଉଁ ପରବ ଏ ହୁଏ ପାଳନ।
ସାଙ୍ଗ ସାଥୀ ସହ ମିଳି,
ପାଳିବା ମଜାରେ ହୋଲି
ରଙ୍ଗ ଓ ଅବିର ବୋଳି।



**ଉ: ହୋଲି ଉତ୍ସବ**

**କା**ଠରେ ଗଢା ଏ ଛୋଟ ମନ୍ଦିର
ସାଜସଜ୍ଜା ହୋଇ କେଡେ ସୁନ୍ଦର
ଭିତରେ ଶ୍ରୀକୃଷ୍ଣ ରାଧା,
ଚାରିଜଣ ଧରି ଗାଁ' ସହର ଘୂରି
ନଲାଗେ ଟିକିଏ ବାଧା।
ମନ୍ଦିର ନାଆଁ ଟି କୁହ,
ଫଗୁଣର ଶେଷେ ଦରଶନ କରି
ପ୍ରଭୁଙ୍କ ଆଶିଷ ପାଅ।



**ଉ: ବିମାନ**

**ଗୋ**ପାଳ ବାଳକେ ହୋଇକି ସାଙ୍ଗ
ଦେଖାନ୍ତି ଖେଳର କୌଶଳ ଢଙ୍ଗ
ବାଦ୍ୟ ସୁରେସୁରେ ଗାଆନ୍ତି ଗୀତ
ଶୋଭାଯାତ୍ରା ଦେଖି ଆନନ୍ଦ ଚିତ୍ତ।
ଦୋଳରେ ମେଳ,
କହି ଦିଅ ଏବେ ଏ କେଉଁ ଖେଳ ?



**ଉ: ଲଉଡ଼ି ଖେଳ**

**– କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯





# ରାସାୟନିକ ରଙ୍ଗ କ୍ଷତିକାରକ




ରଙ୍ଗର ପର୍ବ ହୋଲି। ଗାଁରୁ ସହର ଚାରିଆଡ଼େ ଏହି ପର୍ବକୁ ସମସ୍ତେ ବେଶ୍ ଉତ୍ସାହର ସହ ପାଳନ କରିଥା'ନ୍ତି। ହେଲେ ହୋଲିରେ ବ୍ୟବହାର କରାଯାଉଥିବା ଅଧିକାଂଶ ରଙ୍ଗ ରାସାୟନିକ, ଯାହା କେବଳ ଆମ ଶରୀର ନୁହେଁ, ପରିବେଶ ଉପରେ ଯଥେଷ୍ଟ କୁପ୍ରଭାବ ପକାଇଥାଏ। ହୋଲିରେ ସାଧାରଣତଃ ଚାରି ପ୍ରକାରର ରଙ୍ଗ ବ୍ୟବହାର କରାଯାଏ ; ଯଥା- ଅବିର, ଶୁଖିଲା ଗୁଣ୍ଡ ରଙ୍ଗ, କାଦୁଅା ରଙ୍ଗ ବା ପେଷ୍ଟ ଏବଂ ତରଳ ରଙ୍ଗ।



## ଶରୀର ଉପରେ କୁପ୍ରଭାବ

ଅବିରରେ ରଞ୍ଜକ ରୂପେ ବ୍ୟବହାର କରାଯାଉଥିବା ଭାରି ଧାତୁ ଶରୀର ପାଇଁ କେବଳ ବିଷାକ୍ତ ନୁହେଁ, କ୍ୟାନସର ସୃଷ୍ଟିକାରୀ ମଧ୍ୟ। ସେହିପରି ଲାଲ୍ ରଙ୍ଗରେ ବ୍ୟବହାର କରାଯାଉଥିବା ପାରଦ ଦ୍ୱାରା ଶ୍ୱାସରୋଗ, ମୁଣ୍ଡବ୍ୟଥା, ହୃତ୍‌ପିଣ୍ଡର ସ୍ପନ୍ଦନ ହାର ବୃଦ୍ଧି, ମତିଭ୍ରମ ତଥା ଚର୍ମ କୁଣ୍ଡେଇ ହେବା ଭଳି ଲକ୍ଷଣମାନ ପ୍ରକାଶପାଏ। ସବୁଜ ରଙ୍ଗ ପାଇଁ ବ୍ୟବହାର କରାଯାଉଥିବା କପର୍ ସଲ୍‌ଫେଟ୍ ସଂସ୍ପର୍ଶରେ ଆସିବା ଦ୍ୱାରା ଆଖି ଲାଲ୍‌ପଡ଼ିବା, କୁଣ୍ଡେଇ ହେବା ଇତ୍ୟାଦି ଲକ୍ଷଣମାନ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଅସ୍ଥାୟୀ କିମ୍ବା ସ୍ଥାୟୀ ଭାବରେ ଦୃଷ୍ଟିଶକ୍ତି ଲୋପ ପାଇବାର ଆଶଙ୍କା ରହିଛି। ବାଇଗଣି ରଙ୍ଗ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା କ୍ରୋମିୟମ୍ ଅକ୍ସାଇଡ୍ ଦ୍ୱାରା ଆଜ୍‌ମା ଏବଂ ଆଲର୍ଜିଜନିତ ରୋଗ ସୃଷ୍ଟି କରିଥାଏ। ସେହିପରି ଅରାମାଇନ୍ ଦ୍ୱାରା ମୁଖ, ଗଳା ତଥା ପାକସ୍ଥଳୀ ବ୍ୟଥା, ଚକ୍ଷୁ, ପୀଡ଼ା ଓ ଅସ୍ପଷ୍ଟ ଦୃଷ୍ଟି, ଚର୍ମ କୁଣ୍ଡେଇ ହେବା ଏବଂ ଲାଲ୍ ପଡ଼ିଯିବା ଭଳି ଲକ୍ଷଣମାନ ପ୍ରକାଶ ପାଇଥାଏ। ସିଲିକା ଏବଂ କାଚଗୁଣ୍ଡ ଚକ୍ଷୁ ଓ ଚର୍ମ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ପେଷ୍ଟ ରଙ୍ଗରେ ବ୍ୟବହୃତ ଶସ୍ତା ତୈଳ ଦ୍ୱାରା ଚର୍ମ ଆଲର୍ଜି, ଚକ୍ଷୁ କୁଣ୍ଡେଇ ହେବା ଏପରିକି ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହେବା ଭଳି ଲକ୍ଷଣମାନ ପ୍ରକାଶ ପାଏ। ହୋଲିରେ ବ୍ୟବହୃତ ଖଇରିଆ ମୁଣ୍ଡଫଟା ରଙ୍ଗ ଚର୍ମ ସହିତ ପ୍ରତିକ୍ରିୟା କରି ଚର୍ମ କୁଣ୍ଡେଇହେବା ସମସ୍ୟା ସୃଷ୍ଟି କରିଥାଏ।

– **ନିକୁଞ୍ଜ ବିହାରୀ ସାହୁ,** ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ



## ସତର୍କ ରୁହନ୍ତୁ

**ହୋଲି ଖେଳିବା ସମୟରେ କେତେକ କଥା ପ୍ରତି ନଜର ଦେବା ଜରୁରୀ। ଜାଣନ୍ତୁ ଏ ସମ୍ପର୍କରେ...**

✓ ଅବିର କି ରଙ୍ଗକୁ କିପରି ଠିକ୍ ଭାବରେ ଖେଳାଯିବ ସେ ସମ୍ପର୍କରେ ପିଲାଏ ଜାଣିବା ଦରକାର। ଖାସ୍‌କରି ପାଣି ଭର୍ତ୍ତି ଥିବା ବଡ଼ ଡ୍ରମ୍ କିମ୍ବା ଟବ୍ ହୋଲି ଲାଗି ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ କରନ୍ତୁ। ଏହି ସମୟରେ ଯେପରି କୌଣସି ଦୁର୍ଘଟଣା ନ ଘଟେ, ସେଥିପ୍ରତି ନିଜେ ଯତ୍ନବାନ୍ ହୁଅନ୍ତୁ।

✓ ପ୍ରାକୃତିକ ରଙ୍ଗରେ ହୋଲି ଖେଳନ୍ତୁ। ଆଜିକାଲି କେତେକ ରାସାୟନିକ ମିଶ୍ରିତ ରଙ୍ଗ ମିଳୁଛି, ଯାହା ଚର୍ମ ପାଇଁ କ୍ଷତିକାରକ। ତେଣୁ ସେଭଳି ରଙ୍ଗଠାରୁ ଦୂରେଇ ରୁହନ୍ତୁ।

✓ ପାଣି ବେଲୁନ୍ ସତର୍କତାର ସହ ବ୍ୟବହାର କରନ୍ତୁ। କାରଣ ଏଥିରେ ହୋଲି ଖେଳିଲେ ଏହି ରଙ୍ଗଯୁକ୍ତ ପାଣି ଆଖି, କାନ, ନାକରେ ପଶିଯିବା ଆଶଙ୍କା ରହିଛି।

✓ ସତର୍କତାର ସହିତ ପିଚ୍‌କାରି ବ୍ୟବହାର କରନ୍ତୁ। ଆଉ କାହାର ମୁହଁ, ଆଖି, କାନ ଆଦିକୁ ପିଚ୍‌କାରିରେ ରଙ୍ଗ ମାରନ୍ତୁ ନାହିଁ।

✓ କାହାକୁ ଜୋର ଜବରଦସ୍ତି ରଙ୍ଗ ଲଗାଇବା ଠିକ୍ ନୁହେଁ। କାରଣ ବେଳେବେଳେ ଏହାଦ୍ୱାରା ସମ୍ପର୍କ ଖରାପ ହେବା ସହ ମାରପିଟ୍ ପର୍ଯ୍ୟନ୍ତ କଥା ଯାଇପାରେ। ତେଣୁ ଆରମ୍ଭରୁ ହିଁ ଏ ବିଷୟରେ ସଚେତନ ରୁହନ୍ତୁ।

✓ ହୋଲି ଖେଳିବା ପୂର୍ବରୁ ଦେହ, ହାତ, ଗୋଡ଼ରେ ଭଲ ଭାବରେ ତେଲ ମାଲିସ କରି ନିଅନ୍ତୁ। ଏହାଦ୍ୱାରା ଶରୀରରେ ରଙ୍ଗ ଲାଗିଲେ ତାହାର ପ୍ରତିକୂଳ ପ୍ରଭାବ ପଡ଼ି ନ ଥାଏ।

✓ ହୋଲି ଖେଳି ସାରିବା ପରେ ରଙ୍ଗ ଛଡ଼ାଇବାକୁ କେମିକାଲ ଜିନିଷ ବ୍ୟବହାର କରନ୍ତୁ ନାହିଁ। ସାବୁନ୍‌କୁ ରଙ୍ଗ ଲାଗିଥିବା ସ୍ଥାନରେ ଭଲଭାବେ ଲଗାଇବା ପରେ ଘଷି ରଙ୍ଗ ଛଡ଼ାନ୍ତୁ।

✓ କୌଣସି ଜୀବଜନ୍ତୁ ଓ ବୃକ୍ଷ ଉପରେ ରଙ୍ଗ ପାଣି ପକାନ୍ତୁ ନାହିଁ।

✓ ଅଣ୍ଡା, ମାଟି, ଡିଟର୍‌ଜେଣ୍ଟ ପାଉଡରରେ ହୋଲି ଖେଳନ୍ତୁ ନାହିଁ।



# ଆ ଇ ନା



ସାମ୍ପ୍ରୀତି ଦାସ
୯ ବର୍ଷ, ଯାଜପୁର



ଅର୍ଣ୍ଣବ ମହାନ୍ତି
୭ ବର୍ଷ, ଭୁବନେଶ୍ୱର